# Akashvani, Sambalpur

## SAMBALPURI NEWS MORNING BULLETIN

## 17 June 2026 - 6.47- 6.52 am.

---

ପିଏମ୍ ଭି.ବି.ଆର୍.ୱାଇ.     ଆର୍ଏନ୍ୟୁ/ କଟକ୍

ଭିନ୍ ଭିନ୍ କ୍ଷେତ୍ରୁ ବ୍ୟାପକ୍ ଆନୁଷ୍ଠାନିକ୍ ନିଯୁକ୍ତି ସୁଯୋଗ୍ ତିଆର୍ ଆଉ ସାମାଜିକ୍ ସୁରକ୍ଷାକେ ବର୍କସ୍ କର୍ବାର୍ ଲକ୍ଷ୍ୟଥି କେନ୍ଦ୍ର ସର୍କାର୍ ପ୍ରଧାନ୍ମନ୍ତ୍ରୀ ବିକଶିତ୍ ଭାରତ୍ ରୋଜ୍ଗାର୍ ଯୋଜ୍ନା - ପିଏମ୍ ଭି.ବି.ଆର୍.ୱାଇ. ଯୋଜ୍ନା ଲାଗୁ କରିଛନ୍ । ଆଏବା ୨ ବଛ୍ରେ ସାଢ଼େ ୩ କୋଟିନୁ ଅଏତ୍କା ନିଯୁକ୍ତି ସୁଯୋଗ୍ ତିଆର୍ କର୍ବାର୍ ଲାଗି ଇ ଯୋଜ୍ନା ଜରିଏ ପ୍ରୋତ୍ସାହନ୍ ଯୁଗେଇ ଦିଆଯିବା । ଆଏବା ୧୯ ତାରିଖ୍ ଶୁକ୍ରବାର୍ ଦିନ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ସାରା ଦେଶେ ଇ ଯୋଜ୍ନାର୍ ଶୁଭାରମ୍ଭ କର୍ବେ । ଇ ଅବ୍ସରେ ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ଠାନେ ଗୁଟେ ଜାତୀୟସ୍ତର୍ର କାର୍ଯ୍ୟକ୍ରମ୍ ହେବା । ଓଡ଼ିଶାର୍ ୬ ଟା ଭିନ୍ ଭିନ୍ ଜାଗା ନ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯିବା ।

ସୁଭଦ୍ରା ଶକ୍ତି ସମାବେଶ ଆର୍‌ଏନ୍‌ୟୁ/ ସମ୍ବଲପୁର

ରଜ ପର୍ବର୍ ଶେଷ୍ ଦିନେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭୁବ୍‌ନେଶ୍ୱର୍ ମିଶନ୍ ଶକ୍ତି ଭବନ୍ ନ ଆଭାସୀ ଜରିଏ ସବୁ ଜିଲ୍ଲାର୍ ଅଧିକାର୍ ମାନ୍‌କର୍ ସାଙ୍ଗେ ସୁଭଦ୍ରା ଶକ୍ତି ସମାବେଶ୍‌ର ପ୍ରସ୍ତୁତିର ସମୀକ୍ଷା କରିଛନ୍ । ଆଏବା ୨୧ ନୁ ୩୦ ତାରିଖ୍‌ତକ୍ ସବୁ ଗ୍ରାମ୍‌ପଂଚାୟତ୍ ନ ହେବାର୍‌କେ ଥିବା ଇ କାର୍ଯ୍ୟକ୍ରମଥି ମହିଲା ସଶକ୍ତିକରଣ୍, ଜୀବିକା ସୁଯୋଗ୍, ଆର୍ଥିକ୍ ଅନ୍ତର୍ଭୁକ୍ତି, ଦକ୍ଷତା ବିକାଶ୍ ଆଉ ଲକ୍ଷପତି ଦିଦି ସୃଷ୍ଟି ଉପ୍‌ରେ ସଚେତନ୍ କରାଯିବା । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କାର୍ଯ୍ୟକ୍ରମ୍‌କେ ଠିକ୍ ଭାବେ ଆୟୋଜନ୍ କର୍‌ବାର୍ ଲାଗି ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ ।

ଅଦ୍ୱିକା ବାର୍ତା-ଉପମୁଖ୍ୟମନ୍ତ୍ରୀ ଆଇ ଆଣ୍ଡ୍ ପି.ଆର୍

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗଲାକାଏଲ୍ ଅଦ୍ୱିକା ବାର୍ତା ଜରିଏ ରାଜ୍ୟର୍ କିଶୋର୍ କିଶୋରୀମାନ୍‌କର୍ ସହେତେ ଆଲୋଚନା

କରିଛନ୍ । ଓଡ଼ିଶା ରାଜ୍ୟ ଶିଶୁ ଅଧିକାର୍ ସୁରକ୍ଷା କମିଶନ୍ ଆଉ ୟୁନିସେଫ୍‌ର ମିଲିତ୍ ସହଯୋଗ୍‌ଥି 'ଏ ଡେ ଫର୍ ଚିଲ୍‌ଡ୍ରେନ୍' କାର୍ଯ୍ୟକ୍ରମ୍ ଅଧୀନ୍‌ଥି ଇଟା ରଜ ପର୍ବ ଅବ୍‌ସରେ ଆୟୋଜିତ୍ ହେଇଥିଲା । ରାଜ୍ୟର୍ ଭିନ୍ ଭିନ୍ ଜାଗାନୁ ଅଦ୍ୱିକା ଗ୍ରୁପ୍ ସହେତେ ଜଡ଼ିତ୍ କିଶୋର୍ କିଶୋରୀମାନେ ଇଥି ଯୋଗ୍ ଦେଇଥିଲେ । ୨ ଘଂଟା ଧରିକରି ଚାଲିଥିବା ଇ ଆଲୋଚନାଥି । ଶିକ୍ଷା, ସୁରକ୍ଷା, ଲିଙ୍ଗଗତ ସମାନତା, ଦକ୍ଷତା ବିକାଶ୍ ବାଗିର୍ ଭିନ୍ ଭିନ୍ ପ୍ରସଙ୍ଗଥି ଆଲୋଚନା ହେଇଥିଲା ।

ନିଟ୍ ୟୁଜି -ପୁଲିସ୍ ମହାନିର୍ଦ୍ଦେଶକ ଆଇ ଆଣ୍ଡ୍ ପି.ଆର୍

ଆଏବା ୨୧ ତାରିଖ୍ ହେବାର୍‌କେ ଥିବା ନିଟ୍ ୟୁଜି ୨୦୨୬ ପରୀକ୍ଷାକେ ସ୍ୱଚ୍ଛ, ଅବାଧ ଆଉ ସୁରକ୍ଷିତ୍ ଭାବେ କର୍‌ବାର ଲାଗି ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କର୍ ଅଧ୍ୟକ୍ଷତାଥି କେମ୍ପ କାର୍ଯ୍ୟାଳୟ ନ ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ଇ ବଛର୍ ରାଏଜେ ଶହେ ୩୨ ଟା କେନ୍ଦ୍ର ନ ନିଟ୍ ପରୀକ୍ଷା ହେବା । ସବୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ୍ ଆଉ ବରିଷ୍ଠ

ଅଧିକାରୀମାନ୍‌କୁ ଇଥିର୍‌ଲାଗି ୩ ଥାକିଆ ସୁରକ୍ଷା ବ୍ୟବସ୍ଥା ନେବାର୍‌କେ ଶ୍ରୀ ଖୁରାନିଆ ନିର୍ଦ୍ଦେଶ୍ ଦେଇଛନ୍ ।

ଅନୁ ଗର୍ଗ-ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା     ଆଇ ଆଣ୍ଡ୍ ପି.ଆର୍

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ପ୍ରସ୍ତୁତି ଲାଗି ଗଲାକାଏଲ୍ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଥିବା ବୈଠକ୍‌ଥି ରଥଯାତ୍ରା ସମିଆଥି ଯାତ୍ରୀମାନ୍‌କର୍ ସୁରକ୍ଷା, ଟ୍ରାଫିକ୍, ପରିମଳ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ, ରେଲ୍ ଆଉ ସଡ଼କ୍ ପରିବହନ୍ ବ୍ୟବସ୍ଥା, ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ବାବଦ୍ କାମ୍‌ର ଅଗ୍ରଗତି ବାବ୍‌ଦେ ମୁଖ୍ୟ ଶାସନ୍ ସଚିବ ସମୀକ୍ଷା କରିକରି ଭିନ୍ ଭିନ୍ ପରାମର୍ଶ ଆଉ ନିର୍ଦ୍ଦେଶ୍ ଦେଇଛନ୍ ।

ଶୀତଲ୍‌ଷଷ୍ଠୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରାର୍ ଲାଗି ସମ୍ବଲ୍‌ପୁର୍ ସହର୍ ଗଜ୍‌ଗଜେଇ ଯାଉଛେ । ଆଏଜ୍ ରାତି ଶ୍ରୀ ଶ୍ରୀ ଲୋକ୍‌ନାଥ ବାବା,

ଶ୍ରୀ ଶ୍ରୀ ଜାଗେଶ୍ୱର୍ ବାବା ଆର୍ ସହରର୍ ଅଲ୍‌ଗା ଅଲ୍‌ଗା ଶିବମନ୍ଦିର୍ ମାନ୍‌କେ ମହାଦେବଙ୍କର୍ ବିହା ଲାଗି ହନୁମାନ୍ ନିଉତା ଯାତ୍ରା ହେବା ।

ଗଲା ରାତି ଝାଡୁଆପଡ଼ାର୍ ଶ୍ରୀ ଶ୍ରୀ ଲୋକ୍‌ନାଥ୍ ବାବା ଆର୍ ମୁଦିପଡ଼ାର୍ ଶ୍ରୀ ଶ୍ରୀ ଜାଗେଶ୍ୱର୍ ବାବାଙ୍କର୍ ସହେତେ ଅଲ୍‌ଗା ଶିବମନ୍ଦିର୍ ମାନ୍‌କେ ମହାଦେବଙ୍କର୍ ସଙ୍ଗେ ଜଗତ୍‌ଜନନ ମା' ପାର୍ବତୀଙ୍କର୍ ବିହା ଲାଗି ପତର୍‌ପେଁଡ଼ି ବିଧି ହେଇଯାଇଛେ । ମହାଦେବଙ୍କର୍ ଆଡୁ ବରପିତା ଆର୍ ସପ୍ତଋଷି ଘଁଟ୍, ଶଂଖ, ଦୁଲ୍‌ଦୁଲି ସହେତେ ଇ ବଛ୍‌ରର କନ୍ୟାପିତାଙ୍କର୍ ଘର୍‌କେ ପୁହୁଁଚିକରି ଜଗତ୍‌ଜନନୀ ପାର୍ବତୀଙ୍କର୍ ସଙ୍ଗେ ବିହା କର୍‌ବାର୍‌କେ ସଂକଳ୍ପ କରିକରି ସର୍ଗିପତର୍ ପେଁଡ଼ା କନ୍ୟାପିତାଙ୍କୁ ଦେଇଥିଲେ । ସେଆଡ଼େ ନନ୍ଦ୍‌ପଡ଼ାର୍ ବମ୍‌ବରାଡ଼ ବାଲୁଙ୍କେଶ୍ୱର୍ ବାବାଙ୍କର୍ ପତର୍‌ପେଁଡ଼ି ଆର୍ ନୃସିଂହନିଉତା ବିଧି ଆଘୋନୁ ହେଇସାରିଛେ ।

ଆଏବା କାଏଲ୍ ରାତି ସବୁ ଶିବ ମନ୍ଦିର୍‌ର ଦେବଦେବ ମହାଦେବ ବରାତି ବାହାରିବେ । ବ୍ରାହ୍ମମୁହୁର୍ତ ନ କନ୍ୟାମାତାପିତାଙ୍କର୍ ଜାଗାଥି ଦେବଦେବ ମହାଦେବ ଆର୍ ଜଗତ୍‌ଜନନୀ ମାତା ପାର୍ବତୀଙ୍କର୍ ଲୌକିକ ବିହାଘର୍ ହେବା । ପର୍‌ଦିନ ଅଧରାତିନୁ ଦେବଦମ୍ପତିଙ୍କର୍

ନଗର୍ ପରିକ୍ରମା ଯାତ୍ରା ବାହାରିକରି ତାର୍ ଆରଦିନ ଉପର୍ବେଲା ଦେବଦମ୍ପତି ନିଜର୍ ନିଜର୍ ମନ୍ଦିର୍କେ ଫିର୍ବେ ।

ଶୀତଲ୍ଷଷ୍ଠୀ -ବର୍ଗଡ୍ ବର୍ଗଡ୍ ସମ୍ବାଦଦାତା

ସେନ୍ତା ବର୍ଗଡ୍ ଜିଲ୍ଲା ବର୍ପାଲି ଠାନେ ଇ ବଛର୍ ଶହେ ୪୯ ନମ୍ବର୍ ଶୀତଲ୍ଷଷ୍ଠୀ ଯାତ୍ରାର୍ ୨ ନମ୍ବର୍ ଦିନେ ବାବା କପିଳେଶ୍ୱରଙ୍କର୍ ତର୍ଫୁ ପତର୍ପେଁଡ଼ି ଯାତ୍ରା ହେଇଯାଇଛେ ।

ରଜ ଆର୍ଏନ୍ୟୁ ସମ୍ବଲପୁର୍

ଓଡ଼ିଶାର୍ ଗଣପର୍ବ ରଜ ଆଏଜ୍ ଶେଷ୍ ହେଉଛେ । ଆଏଜ୍ ସାରା ରାଏଜେ ବସୁମତୀ ସ୍ନାନ ପାଲନ୍ କରାଯାଉଛେ । ରଜ ପର୍ବ ରାଜ୍ୟର୍ ସମୁଦ୍ରଖଁଡ଼ି ଇଲାକା ନ ଘରେ ଘରେ ପାଲନ୍ କରାଯାଉଥିବାର୍ ବେଲେ ପଶ୍ଚିମ ଓଡ଼ିଶା ନ ଭିଲ୍ ଗଲା କେତେ ବଛର୍ ହେଲା ରଜ ଉତ୍ସବ୍କେ ସର୍କାରୀସ୍ତରଥି ଭିନ୍ ଭିନ୍ ଜାଗା ନ ପାଲନ୍ କରାଯାଉଛେ । ରଜପର୍ବଥି ଗଲା ୩ ଦିନ୍ତକ୍ ଘରେ ଘରେ

ପିଠାପନା ତିଆରି ସାଙ୍ଗେ ଟୁକେଲ୍ ଛୁଆମାନେ ରଜଦୁଲି  ଖେଲ୍‌ର ମଜା ନେଇଛନ୍ ।

ବିଶ୍ୱ କୁମ୍ଭୀର ଦିବସ୍              ଆର୍‌ଏନ୍‌ୟୁ/ ସମ୍ବଲପୁର

ଫି’ ସ୍ତର୍ ନ ଐତିହ୍ୟ ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ କୁମ୍ଭୀର ଦିବସ୍ । କୁମ୍ଭୀର୍ ମାନ୍‌କର୍ ସଂଖ୍ୟା କମ୍‌ବାର୍ ଦେଖିକରି ୧୯୭୫ ମସିହା ବେଲ୍‌କେ ମିଲିତ୍ ଜାତିସଂଘ ତର୍‌ଫୁ ଇତାର୍ ସଂରକ୍ଷଣ୍ ଚେରେଷ୍ଟା ମୁଲ୍ ହେଇଥିଲା । ଫି’ ବଛର୍ ଜୁନ୍ ୧୭ ତାରିଖ୍‌କେ ବିଶ୍ୱ କୁମ୍ଭୀର୍ ଦିବସ୍ ଭାବେ ପାଲନ୍ କରିକରି କୁମ୍ଭୀର୍ ମାନ୍‌କର୍ ସୁରକ୍ଷା ଲାଗି ଲୁକ୍‌କୁ ସଚେତନ୍ କରାଯାଉଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଜ୍ୟର୍ ସମୁଦ୍ରଖଁଡ଼ି ଜିଲ୍ଲାମାନ୍‌କେ ପୁହୁଁଚିଛେ । ଆଏବା ୩ ନୁ ୪  ଦିନ୍ ଭିତ୍‌ରେ ମୌସୁମୀ ରାଜ୍ୟର୍ ଅଲ୍‌ଗା ଜାଗା ମାନ୍‌କେ ପୁହୁଁଚିବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ

ଅନୁମାନ୍ କରାଯାଇଛେ । ଆଏବା ୨୧ ତାରିଖ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କାଲ୍‌ବୈଶାଖୀର୍ ପ୍ରଭାବ୍ ରହେବା ବଲି ଭୁବ୍‌ନେଶ୍ୱର ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଗଲାକାଏଲ୍ ବୌଦ୍ଧ ନ ରାଜ୍ୟର୍ ସବୁନୁ ଜହ ତାପମାତ୍ରା ୪୨ ଦଶ୍‌ମିକ୍ ୬ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।